ସେବାର ଏକତ୍ରୀକରଣ




# ପରିବାର ନିୟୋଜନ ଆବଶ୍ୟକତା ପୂରଣ ପାଇଁ ଗୋଷ୍ଠୀ ସ୍ତରରେ ସେବାଗୁଡ଼ିକର ଏକତ୍ରୀକରଣ

## ଲକ୍ଷ୍ୟ

ପରିବାର ନିୟୋଜନ ଏବଂ ଅନ୍ୟ ମାତୃ, ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ଗୁଡିକୁ ଗୋଷ୍ଠୀ ସ୍ତରରେ ଏକାଠି କରିବା ସହ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ଏବଂ ସମ୍ମିଳିତ କାର୍ଯ୍ୟକ୍ରମ ଗ୍ରହଣ କରିବା

## କାହା ପାଇଁ ଉଦ୍ଦିଷ୍ଟ

- ଜିଲ୍ଲା ମୁଖ୍ୟ ମେଡିକାଲ ଏବଂ ସ୍ୱାସ୍ଥ୍ୟ ଅଧିକାରୀ (ସିଏମ୍‌ଏଚ୍‌ଓ / ସିଡିଏମ୍‌ଓ /ସିଏମ୍‌ଓ)
- ମୁଖ୍ୟ ମେଡିକାଲ ଅଧୀକ୍ଷକ
- ବିଭିନ୍ନ ବିଭାଗର ମୁଖ୍ୟ (ସମନ୍ୱିତ ଶିଶୁ ବିକାଶ ସେବା, ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍‌ସି, ଜାତୀୟ ସହରାଞ୍ଚଳ ଜୀବିକା ମିଶନ୍, ସ୍ୱାସ୍ଥ୍ୟ ବିଭାଗ, ମ୍ୟୁନିସିପାଲ କର୍ପୋରେସନ, ଶିକ୍ଷା ବିଭାଗ)
- ନୋଡାଲ ଅଧିକାରୀ ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ପରିବାର ନିୟୋଜନ
- ଜନସ୍ୱାସ୍ଥ୍ୟ ଅନୁଷ୍ଠାନର ଭାରପ୍ରାପ୍ତ ଅଧିକାରୀ
- ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକମାନେ

Johns Hopkins Bloomberg School of Public Health | Bill & Melinda Gates Institute for Population and Reproductive Health | USAID From the American People | Maternal and Child Survival Program | psi India

# ପୃଷ୍ଠଭୂମି

ଆନ୍ତଃବିଭାଗୀୟ ସମନ୍ୱୟ ଦ୍ୱାରା ଜଣେ ଗୋଷ୍ଠୀ ସ୍ତରର କର୍ମକ ୍ରିର କାମ ଏବଂ ଦାୟିତ୍ୱକୁ ଅନ୍ୟମାନେ ସମର୍ଥନ କରନ୍ତି । ଗୋଷ୍ଠୀ ସ୍ତରରେ କାମ କରୁଥିବା ଏହି କ୍ଷେତ୍ରଅଧିକାରୀମାନେ ଏହା ଅନୁଭବ କରିବା ଏବଂ ବୁଝିବା ଦରକାର ଯେ ସେମାନଙ୍କ ମଧ୍ୟରେ ଏକା କାମକୁ ନେଇ ସମସ୍ତଙ୍କୁ ଦିଆଯାଇଥିବା ଦାୟିତ୍ୱ ପ୍ରକୃତରେ ମିଳିମିଶି କାମ କରିବା ଏବଂ ପରସ୍ପରକୁ ସହଯୋଗ କରିବା ପାଇଁ ସୁଯୋଗ ସୃଷ୍ଟି କରେ । ଉଦାହରଣ ସ୍ୱରୂପ:-

- ସହରାଞ୍ଚଳ ଆଶା, ଜିଲା ସହରାଞ୍ଚଳ ବିକାଶ ଏଜେନ୍ସିର ଲିଙ୍କ ୱାର୍କର ଏବଂ ଅଙ୍ଗନୱାଡ଼ି କର୍ମୀ ମିଳିତ ଭାବରେ କାମ କଲେ ସହରାଞ୍ଚଳ ଆଶା ପକ୍ଷରେ ତାର କାର୍ଯ୍ୟ ପରିସରରେ ଥିବା ଘରସବୁର ମାନଚିତ୍ର ଏବଂ ତାଲିକା ପ୍ରସ୍ତୁତି ସହଜ ହୋଇଥାଏ । ଅନ୍ୟ କର୍ମୀମାନେ ଆଶାକୁ ତା'ର ନିୟମିତ କାମ ଯଥା ଗୋଷ୍ଠୀର ଲୋକଙ୍କୁ ସଚେତନ କରିବା ସହ ଗୋଷ୍ଠୀ ଏବଂ ଜନସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟରେ ସଂପର୍କ ସ୍ଥାପନ କରିବା ଦିଗରେ ସହାୟତା ପ୍ରଦାନ କରିଥାନ୍ତି ।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଦିବସରେ ସମସ୍ତ ଛାମୁଆ କର୍ମଚାରୀ ମିଳିତ ଭାବେ ଏହି ଦିବସର ପ୍ରଚାର କରିପାରିବେ । ଏହା ବ୍ୟତୀତ ପରିବାର ନିୟୋଜନ ଏବଂ ମହିଳା, ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବାକୁ ବ୍ୟବହାର କରିବାକୁ ଥିବା ସମ୍ଭାବ୍ୟ ଲୋକମାନଙ୍କର ଏକ ତାଲିକା ମଧ୍ୟ ପ୍ରସ୍ତୁତ କରିପାରିବେ ।
- ପ୍ରସୂତୀ ମହିଳାଙ୍କୁ ଏବଂ ପିଲା ଜନ୍ମ ପରେ ପରିବାର ନିୟୋଜନ ସେବା ଆବଶ୍ୟକ କରୁଥିବା ମହିଳାକୁ ଚିହ୍ନଟ କରିବାରେ ଅଙ୍ଗନୱାଡ଼ି କର୍ମୀ, 'ଆଶା' ଓ ଏଏନ୍ଏମ୍ ସହାୟତା କରି ପାରିବେ । ଏହି ସମୟରେ 'ଆଶା' ସେହି ମହିଳାମାନଙ୍କୁ ଅଙ୍ଗନୱାଡ଼ି ସେବା କେନ୍ଦ୍ରର ଅନ୍ୟାନ୍ୟ ସେବା ସୁବିଧା ସବୁ ସଦୁପଯୋଗ କରିବାରେ ସହାୟତା କରି ପାରିବେ ।

ଗୋଷ୍ଠୀ ସ୍ତରରେ ସମନ୍ୱୟର ସ୍ୱରୂପ କ'ଣ ହେବ, ତାହା ଜିଲ୍ଲାସ୍ତରରେ ହିଁ ନିର୍ଣ୍ଣୟ ହୁଏ । କାରଣ ଜିଲ୍ଲାରେ ହିଁ ବିଭିନ୍ନ ବିଭାଗ ଏବଂ ଯୋଜନା ମିଶିକରି କାମ କରୁଥାନ୍ତି । ଯଦିଓ ସମନ୍ୱୟର ଆବଶ୍ୟକତା ଏବଂ ଉପାଦାନ ବିଷୟରେ ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ବ୍ୟାପକ ରୂପେ ଚର୍ଚ୍ଚା ହୁଏ; ତେବେ ଆଞ୍ଚଳିକ ସ୍ତରରେ ଏହା ଆପେଆପେ କାମରେ ପ୍ରତିଫଳିତ ହୁଏ ନାହିଁ । ଏଣୁ ସମନ୍ୱୟକୁ ବାସ୍ତବତାରେ ପରିଣତ କରିବା ପାଇଁ ଏକ ଲକ୍ଷ୍ୟଯୁକ୍ତ ଦିଗ୍‌ଦର୍ଶନ ଜିଲ୍ଲା ସ୍ତରର ଅଧିକାରୀଙ୍କ ଠାରୁ ଆସିବା ଦରକାର ।

**ପରିବାର ନିୟୋଜନ, ମାତୃ, ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟ ପାଇଁ ଗୋଷ୍ଠୀ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଭୂମିକା**

**ଜିଲା ସହରାଞ୍ଚଳ ବିକାଶ ଏଜେନ୍ସି- ଜାତୀୟ ସହରାଞ୍ଚଳ ଜୀବିକା ମିଶନ ଲିଙ୍କ କର୍ମଚାରୀ**

ସହରାଞ୍ଚଳରେ ରହୁଥିବା ଗରିବ ଲୋକମାନେ କିପରି ସହରାଞ୍ଚଳ ବ୍ୟବସ୍ଥାରେ ବିଭିନ୍ନ ସେବା ଯଥା ରାସନ କାର୍ଡ, ଜନସ୍ୱାସ୍ଥ୍ୟ ସେବା ପାଇ ପାରିବେ ତାହା ନିଶ୍ଚିତ କରିବା ।

**ଆଇସିଡିଏସ୍ ଅଙ୍ଗନୱାଡ଼ି କର୍ମୀ**

୬ ବର୍ଷରୁ କମ୍ ସମସ୍ତ ଶିଶୁ, କିଶୋରୀ ବାଳିକା ଏବଂ ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଯେପରି ପୁଷ୍ଟି, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ମିଳି ପାରିବ ତାହା ନିଶ୍ଚିତ କରିବା ।

**ଏଏନ୍ଏମ୍ (ମହିଳା ସ୍ୱାସ୍ଥ୍ୟକର୍ମୀ)**

ମୁଖ୍ୟସ୍ରୋତରୁ ବାହାରେ ଥିବା ଅଞ୍ଚଳ ଏବଂ ପରିବାରମାନଙ୍କୁ ପରିବାର ନିୟୋଜନ, ମାତୃ ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ।

**ଆଶା**

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ଏହି ଗୋଷ୍ଠୀ ସ୍ୱେଚ୍ଛାସେବୀ ମାନେ ପରିବାର ନିୟୋଜନ, ମାତୃ, ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟ ଉପରେ ଜନସଚେତନତା ସୃଷ୍ଟି କରିଥାନ୍ତି ।



# ଦୃଷ୍ଟାନ୍ତମୂଳକ ପ୍ରମାଣ

ଅର୍ବାନ ହେଲ୍ଥ ଇନିସିଏଟିଭ୍ସ ଦ୍ୱାରା ଉ.ପ୍ର.ର ୧୧ ଟି ସହରରେ ଗୋଷ୍ଠୀ ସ୍ତରରେ ଆଶା ମାନେ ଅନ୍ୟ ଗୋଷ୍ଠୀ ସ୍ତରୀୟ କର୍ମଚାରୀ ଯଥା ଅଙ୍ଗନୱାଡି କର୍ମୀ, ଜିଲା ସହରାଞ୍ଚଳ ବିକାଶ ଏଜେନ୍ସୀର ଲିଙ୍କ ୱାର୍କର, ଏବଂ ଏ.ଏନ୍.ଏମ୍. ସହିତ ମିଶି କରି କାମ କରିଥିଲେ। ଯଦିଓ ନିର୍ଦ୍ଦିଷ୍ଟ ପ୍ରାମାଣିକ ତଥ୍ୟ ନାହିଁ ତେବେ ଏହି କର୍ମୀମାନଙ୍କ ଭିତରେ ଥିବା ସମନ୍ୱୟ ଯୋଗୁଁ ଏକ ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଥିଲା ଏବଂ ପରିବାର ନିୟୋଜନ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସବୁ ବ୍ୟବହାରକାରୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଥିବାର ଦେଖାଯାଇଥିଲା।

### ସମନ୍ୱୟ ଦର୍ଶାଇବା ପାଇଁ କାର୍ଯ୍ୟକ୍ରମମାନ

‘ଆଶା’ ଘରକୁ ଘର ବୁଲି ପରିବାର ନିୟୋଜନ, ଗର୍ଭାବସ୍ଥାରେ ପ୍ରସବ-ପୂର୍ବ ଯତ୍ନ ଏବଂ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବକୁ ପ୍ରୋତ୍ସାହିତ କରିବା

ଅଙ୍ଗନୱାଡି କେନ୍ଦ୍ରରେ ନିର୍ଦ୍ଦିଷ୍ଟ ଦିନରେ ନିଶ୍ଚିତ ସେବା, ଟିକାକରଣ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ ଦିବସ ପାଇଁ ଆଶା ଗୋଷ୍ଠୀ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବା

ନିଜ ନିଜ ପାଖରେ ଥିବା ତାଲିକାକୁ ମେଳ କରି ଏବଂ ତଥ୍ୟକୁ ଯାଞ୍ଚ କରି ମହିଳାମାନଙ୍କୁ ଚିହ୍ନଟ କରିବାର ଏକ ଦୃଢ଼ କୌଶଳ ଏହି ଛାମୁଆ କର୍ମୀମାନେ ବାହାର କରିବା

ଗୋଷ୍ଠୀ ସ୍ତରରେ ପରିବାର ନିୟୋଜନ, ମାତୃ ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟ ଉପରେ ଆଲୋଚନା କରିବା ପାଇଁ ମହିଳା ଦଳ ଯଥା ମହିଳା ମଣ୍ଡଳ, ମହିଳା ଆରୋଗ୍ୟ ସମିତି ଆଦି ଗଠନ କରାଯିବା

ଆଶା ଗୋଷ୍ଠୀ ସ୍ତରର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଯଥା, ପଲ୍ସ୍ ପୋଲିଓ କାର୍ଯ୍ୟକ୍ରମ, ମିଳିମିଳା କ୍ୟାଚ୍ଅପ ଟିକାକରଣ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟ ଦିବସକୁ ସହାୟତା ପ୍ରଦାନ କରିଥାଆନ୍ତି

## ସମନ୍ୱୟ ସ୍ଥାପନ କରିବା ଏବଂ ଏହାକୁ ସଶକ୍ତ କରିବାର ମାର୍ଗଦର୍ଶିକା

### ସହର ସ୍ତରରେ

- ସ୍ୱାସ୍ଥ୍ୟ, ଆଇସିଡିଏସ୍, ଜୀବିକା ମିଶନ୍, ସ୍ୱାସ୍ଥ୍ୟ ଏବଂ ମ୍ୟୁନିସିପାଲିଟି ଆଦି ସଂସ୍ଥା ଓ ବିଭାଗମାନେ ମିଳିତଭାବେ କାମ କରିବା ଦରକାର।
- ସହରାଞ୍ଚଳ ବିକାଶ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ କାମ କରୁଥିବା ଫଗ୍ସି (FOGSI), ବେସରକାରୀ ସେବା ପ୍ରଦାନକାରୀ, ଆଇଏମ୍ଏ, ବିକାଶ ପାଇଁ କାମ କରୁଥିବା ଅନ୍ୟ ଅନୁଷ୍ଠାନ/ ବେସରକାରୀ ସଂସ୍ଥା ଆଦି ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ।
- ସିଏମ୍ଏଚ୍ଓ / ସିଡିଏମ୍ଓ / ସିଏମ୍ଓ ସହରାଞ୍ଚଳ ସମନ୍ୱୟ କମିଟି ପ୍ରତିଷ୍ଠା କରିବା ଏବଂ ସଭାପତିତ୍ୱ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଆବଶ୍ୟକ। ଏଥିର ଆଇସିଡିଏସ୍, ଜିଲ୍ଲା ସହରାଞ୍ଚଳ ବିକାଶ ସମିତି,ଏଫଓଜିଏସଆଇ, ନଗର ନିଗମ, ସ୍ୱାସ୍ଥ୍ୟ ସେବାପ୍ରଦାନକାରୀ ଅନୁଷ୍ଠାନ, ମେଡିକାଲ କଲେଜ ଏବଂ ଅନ୍ୟ ସହରାଞ୍ଚଳ ସ୍ୱାସ୍ଥ୍ୟ ଅନୁଷ୍ଠାନ ସବୁ ସହଯୋଗ କରିବା ଦରକାର।
- ଏଥିପାଇଁ ଆମନ୍ତ୍ରଣ ପତ୍ର ଲେଖି ପଠାଇବା ଦରକାର ଏବଂ ପ୍ରାରମ୍ଭିକ ବୈଠକ ସବୁ ଆୟୋଜନ କରାଯାଇ ବିଭିନ୍ନ ବିଭାଗ ମଧ୍ୟରେ ସମ୍ମିଳିତଭାବେ କାମ କରିବା ପାଇଁ ଚେଷ୍ଟା କରାଯିବା ଦରକାର। ଏପରି ହେଲେ ସ୍ୱାସ୍ଥ୍ୟ ସେବା ଏବଂ ପରିବାର ନିୟୋଜନ ସାମଗ୍ରୀ ପାଇଁ ଲୋକଙ୍କ ମଧ୍ୟରେ ଚାହିଦା ବଢ଼ିବା ଦରକାର। (ନମୁନା ଆମନ୍ତ୍ରଣ ପତ୍ର ଦେଖନ୍ତୁ) ଏହି ବୈଠକକୁ ନିୟମିତ ଭାବେ କରାଯିବା ଉଚିତ (ସହରାଞ୍ଚଳ ସମନ୍ୱୟ କମିଟିରେ କେଉଁମାନେ ସଦସ୍ୟ ରହିବେ, ତାହାର ତାଲିକା, ଗୋଟିଏ ଏଜେଣ୍ଡା ଏବଂ ବୈଠକର ନିଷ୍ପତ୍ତିପତ୍ରର ନମୁନା ଦେଖନ୍ତୁ)।
- ସହରାଞ୍ଚଳ ସ୍ୱାସ୍ଥ୍ୟ ଯୋଜନା ତିଆରି କରିବାରେ ସି.ଏମ୍.ଏଚ୍.ଓ. / ସି.ଡି.ଏମ୍.ଓ. / ସି.ଏମ୍.ଓଙ୍କ ସହାୟତା ରହିବା ଆବଶ୍ୟକ । ଏହି ଯୋଜନାକୁ ସହରାଞ୍ଚଳ ସମନ୍ୱୟ କମିଟି ବସି ଅନୁମତି ପ୍ରଦାନ କରିବା ଆବଶ୍ୟକ (ସହରାଞ୍ଚଳ ସ୍ୱାସ୍ଥ୍ୟ ଯୋଜନାର ନମୁନା ଦେଖନ୍ତୁ)।

### ୱାର୍ଡ ସ୍ତରରେ

- ଭାରପ୍ରାପ୍ତ ଚିକିତ୍ସାଧିକାରୀ, ଆଇ.ସି.ଡି.ଏସ୍. ସୁପରଭାଇଜର, ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସିର ଯୋଗାଯୋଗ ଅଧିକାରୀ, ମ୍ୟୁନିସିପାଲ ୱାର୍ଡ ଏବଂ ୱାର୍ଡ ସ୍ତରର ନିର୍ବାଚିତ ଅଧିକାରୀ, ଶିକ୍ଷା ଅଧିକାରୀ ମାନେ ମିଳିତଭାବେ କାମ କରିବାର ଆବଶ୍ୟକତା ରହିଛି।
- ଭାରପ୍ରାପ୍ତ ଚିକିତ୍ସାଧିକାରୀ ୱାର୍ଡ ସ୍ତରୀୟ ସ୍ୱାସ୍ଥ୍ୟ ସମନ୍ୱୟ କମିଟି ବୈଠକ ମାସକୁ ଥରେ ଡାକିବେ, ଯେଉଁଥିରେ କି କମିଟି ଗତମାସର କାମର ଅଗ୍ରଗତି ଅନୁଧ୍ୟାନ କରିବା ସହ ଆଗାମୀ ମାସର କାମ ବିଷୟରେ ଆଲୋଚନା କରିବେ।

  ଏହି ବୈଠକରେ ନିଆଯାଉଥିବା ମୁଖ୍ୟ ନିଷ୍ପତ୍ତି ଏବଂ ଆଲୋଚନାର ସାରମର୍ମକୁ ଲେଖାଯିବା ସହ ଏହାର ନିୟମିତତା ବଜାୟ ରଖାଯିବା ଦରକାର।



**ବସ୍ତି ସ୍ତରରେ**

- ଆଶା, ଅଙ୍ଗନୱାଡି କର୍ମୀ, ଏ.ଏନ୍.ଏମ୍. ଏବଂ ଅନ୍ୟ ଗୋଷ୍ଠୀ ସ୍ତରର କର୍ମୀଙ୍କ ମଧ୍ୟରେ ସମନ୍ୱୟ ରହିବା ଦରକାର।
- ସମସ୍ତ କ୍ଷେତ୍ର ଅଧିକାରୀ ନିଜ ନିଜ ଭୂମିକାକୁ ଭଲ ଭାବେ ବୁଝିଛନ୍ତି । ସେମାନଙ୍କର କାମ କରିବା ବେଳେ ନିଜ ଇଛା ଏବଂ ପରସ୍ପର ପ୍ରତି ସହାୟତାଭାବ ରହିବା ଦରକାର।
- ଆବଶ୍ୟକ ପଡିଲେ କେତୋଟି ବସ୍ତି ଅଞ୍ଚଳ ବୁଲି ଏମାନଙ୍କ ମଧ୍ୟରେ ସମନ୍ୱୟରେ ପ୍ରକୃତ ସ୍ୱରୂପ କ'ଣ ଏବଂ ସମନ୍ୱୟ ପାଇଁ ଥିବା ସମସ୍ୟା ଗୁଡିକ ଖୋଜି ବାହାର କରିବା ପାଇଁ ବ ର୍ମାନ ପରିସ୍ଥିତିର ବିଶ୍ଳେଷଣ କରାଯିବା ଆବଶ୍ୟକ।
- କ୍ଷେତ୍ରସ୍ତରର କର୍ମଚାରୀ ମାନଙ୍କୁ ସହାୟତା ପ୍ରଦାନ କରି ଗୋଷ୍ଠୀର ମାନଚିତ୍ର ଏବଂ ଘରର ତାଲିକା ପ୍ରସ୍ତୁତି କରିବା ପାଇଁ ତଥ୍ୟଗୁଡିକ ବିନିମୟ କରାଯିବା ଦରକାର, ଯାହା ଫଳରେ ଏହି ମାନଚିତ୍ର ଏବଂ ତାଲିକା ଠିକ୍ ଓ ନିର୍ଭୁଲ ହୋଇପାରିବ।
- ଏ.ଏନ୍.ଏମ୍.ମାନଙ୍କୁ ସହାୟତା ପ୍ରଦାନ କରି ଗୋଷ୍ଠୀ ସ୍ତରରେ ଏକ ବସ୍ତି ସମନ୍ୱୟ କମିଟି ଗଠନ କରାଯିବା ଦରକାର; ଯାହା ଗୋଷ୍ଠୀ ମଧ୍ୟରେ ସଂପର୍କକୁ ଗଢ଼ି ତୋଳିବା ସହ ଗୋଷ୍ଠୀ ଏବଂ ବ୍ୟକ୍ତିଗତ ଅଧିକାର ପାଇଁ ଲଢ଼େଇ କରିପାରିବ ଏବଂ ଏହା ଗୋଷ୍ଠୀର ବିଭିନ୍ନ ଦଳ ମଧ୍ୟରେ ଯୋଗାଯୋଗକୁ ସୁନିଶ୍ଚିତ କରି ଏକ ସୁଦୃଢ଼ ବ୍ୟବସ୍ଥା ଗଠନ କରି ପାରିବ।
- ଅଙ୍ଗନୱାଡି କେନ୍ଦ୍ର ଏବଂ ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସି ମଧ୍ୟରେ ଥିବା ବିଭିନ୍ନ ସମ୍ବଳ, ଯଥା:- ଏଠାରେ ବୈଠକ ଆଦି କରିବା ସହ ଗୋଷ୍ଠୀଗତ କାର୍ଯ୍ୟକ୍ରମ ଯଥା ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିଦିବସ ଓ ଆଉଟ୍‌ରିଚ୍ କ୍ୟାମ୍ପ ଆଦିକୁ ପ୍ରୋତ୍ସାହନ ଦିଆଯିବା ଦରକାର।
- ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଉପକରଣ ସବୁକୁ ଦେଖାଯିବା ସହ ଏହାର ବଣ୍ଟନ କରାଯିବା ଆବଶ୍ୟକ (ଅର୍ବାନ୍ ହେଲ୍‌ଥ୍ ଇନିସିଏଟିଭ୍‌ସ ଦ୍ୱାରା ଅନୁମୋଦିତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଉପକରଣକୁ ଦେଖନ୍ତୁ)।

**ଗୋଷ୍ଠୀ ସ୍ତରରେ କାମ କରୁଥିବା ବିଭିନ୍ନ କାର୍ଯ୍ୟକ ୍ । ଏବଂ କର୍ମଚାରୀମାନଙ୍କ ଦ୍ୱାରା ଯେହେତୁ ପରିବାର ନିୟୋଜନ ଅନେକ ସମୟରେ ଆଦୌ ଗୁରୁତ୍ୱ ପାଏ ନାହିଁ ତେଣୁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବା ଦରକାର**

- ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟ ଗୋଷ୍ଠୀ ସ୍ତରର କର୍ମଚାରୀ ମାନଙ୍କ ଦ୍ୱାରା ପରିବାର ନିୟୋଜନ ବ୍ୟବସ୍ଥାର ଲାଭ ମହିଳା ଏବଂ ଶିଶୁ ଏବଂ ପରିବାର ଉପରେ କି ପ୍ରକାର ପଡ଼େ ତାହା ବୁଝାଇ ଦିଆଯିବା ଦରକାର। ଏହି ବୁଝାମଣା ବ୍ୟତୀତ ପରିବାର ନିୟୋଜନ ସବୁବେଳେ ଅବହେଳିତ ହୋଇ ରହିଯିବ ଏବଂ ସମନ୍ୱୟ କାର୍ଯ୍ୟକ୍ରମ ଆଦିରେ ଏହାକୁ କେହି ଗୁରୁତ୍ୱ ଦେବେ ନାହିଁ।
- ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ସ୍ୱାସ୍ଥ୍ୟପରୀକ୍ଷା ଏବଂ ଅନୁପୂରକ ପୁଷ୍ଟି ପାଇଁ ଅଙ୍ଗନୱାଡ଼ି ଆସୁଥିବା ଗର୍ଭବତୀ ମହିଳା ମାନଙ୍କୁ ପରିବାର ନିୟୋଜନ ପାଇଁ ପରାମର୍ଶ ଦେବା ଦରକାର। ସେହିପରି 'ଆଶା', ଗର୍ଭବତୀ ମହିଳା ମାନଙ୍କୁ ଅଙ୍ଗନୱାଡ଼ିରୁ ମିଳୁଥିବା ଅନୁପୂରକ ପୁଷ୍ଟି ଗ୍ରହଣ କରିବାକୁ ସୂଚନା ଦେବା ଦରକାର।
- ସମସ୍ତ ଗୋଷ୍ଠୀ ସ୍ତରର କ୍ଷେତ୍ର କର୍ମଚାରୀ ମାନଙ୍କୁ ଯଥା ଅଙ୍ଗନୱାଡ଼ି କର୍ମୀ ଏବଂ ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସି ପରିବାର ନିୟୋଜନ ଉପରେ ତାଲିମ ଦେବା ଆବଶ୍ୟକ। (ପରିବାର ନିୟୋଜନ ପାଇଁ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକରଣ ପାଇଁ ଅର୍ବାନ୍ ହେଲ୍‌ଥ୍ ଇନିସିଏଟିଭ୍‌ସ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ଉପକରଣ ଦେଖନ୍ତୁ)।
- ପରିବାର ନିୟୋଜନ ସେବା ଏବଂ ମାତୃ ନବଜାତ ଶିଶୁ ସ୍ୱାସ୍ଥ୍ୟ ସେବା ସବୁକୁ ଏକାଠି ଦେବାକୁ ଚେଷ୍ଟା କରନ୍ତୁ। ଏପରି ସେବା ଲୋକଙ୍କ ମଧ୍ୟରେ ବେଶୀ ଆଗ୍ରହ ସୃଷ୍ଟି କରିଥାଏ। ଉଦାହରଣ ସ୍ୱରୂପ ଅଙ୍ଗନୱାଡ଼ି କେନ୍ଦ୍ରରେ ପରିବାର ନିୟୋଜନ ଏବଂ ଅନ୍ୟ ମା' ମାନଙ୍କର ଦଳଗତ ବୈଠକରେ ପୁଷ୍ଟି ବିଷୟରେ ଆଲୋଚନା କରନ୍ତୁ। ଏହା ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ପୁଷ୍ଟି ଦିବସରେ ନିୟମିତ ଅନୁଷ୍ଠିତ ହୋଇଥାଏ।
- ପରିବାର ନିୟୋଜନ ପାଇଁ ମିଳୁଥିବା ସରକାରୀ ପ୍ରୋତ୍ସାହନ ରାଶିକୁ ଯେପରି ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସୀର ଲିଙ୍କ୍ ୱାର୍କର ମାନେ ପାଇ ପାରିବେ, ତାହା ସେମାନେ ଯେପରି ଜାଣି ପାରିବେ, ତାହା ସୁନିଶ୍ଚିତ କରନ୍ତୁ।
- କ୍ଷେତ୍ର ସ୍ତରର କର୍ମଚାରୀ ମାନେ ମହିଳା ଆରୋଗ୍ୟ ସମିତି ସହ ମିଳିତଭାବେ ବୈଠକ କରିବା ପାଇଁ ଆପଣ ପ୍ରୋତ୍ସାହିତ କରନ୍ତୁ। ଏହି ସମିତି ମହିଳାମାନଙ୍କୁ କିପରି ମହିଳା ଏବଂ ପରିବାର ନିୟୋଜନ, ମାତୃ ସ୍ୱାସ୍ଥ୍ୟ ବୈଠକକୁ ନେଇ ସୂଚନା ଦେବେ, ତାହା ସୁନିଶ୍ଚିତ କରନ୍ତୁ। ସେମାନେ ଏହି ସେବା ଯେପରି ପାଇ ପାରିବା ପାଇଁ ଦାବୀ ଉପସ୍ଥାପନ କରିବେ, ସେଥିପାଇଁ ସେମାନଙ୍କୁ ସଚେତନ କରନ୍ତୁ।
- ମହିଳା ଦଳମାନେ ଯେପରି "ମହିଳା ଆରୋଗ୍ୟ ସମିତି" ଗଠନ କରି ତାହାର ନେତୃତ୍ୱ ନେବେ, ତାହା ଦେଖିବା ପାଇଁ କ୍ଷେତ୍ର ସ୍ତରର କର୍ମଚାରୀଙ୍କୁ ପ୍ରୋତ୍ସାହିତ କରନ୍ତୁ। ଗୋଷ୍ଠୀରେ ସେମାନଙ୍କ ଅଭିଜ୍ଞତା ଏବଂ ଉପସ୍ଥିତି ଯୋଗୁଁ ଜିଲ୍ଲା ସହରାଞ୍ଚଳ ବିକାଶ ଏଜେନ୍ସି ଏବଂ ଅଙ୍ଗନୱାଡ଼ି କର୍ମୀମାନେ ଯେଉଁଠାରେ ମହିଳା ଆରୋଗ୍ୟ ସମିତି ନାହିଁ ସେଠି 'ଆଶା'କୁ "ମହିଳା ଆରୋଗ୍ୟ ସମିତି" ଗଠନ କରିବାରେ ସହାୟତା କରି ପାରିବେ।
- ସମନ୍ୱୟକୁ ଯେପରି ସରକାରୀ ସହାୟତା ଏବଂ ସମସ୍ତ ବିଭାଗରୁ ପୃଷ୍ଠପୋଷକତା ମିଳିପାରିବ, ତାହା ଆପଣ ନିଶ୍ଚିତ କରାନ୍ତୁ। 'ଆଶା' ଏବଂ ଗୋଷ୍ଠୀର ଅନ୍ୟ ସମସ୍ତ କର୍ମୀମାନଙ୍କର କାମର ତଦାରଖ କରନ୍ତୁ।



# ସମନ୍ୱୟକୁ ସୁନିଶ୍ଚିତ କରିବା ପାଇଁ ଭୂମିକା ଓ ଦାୟିତ୍ୱ

## ସିଏମ୍ଏଚ୍ଓ / ସିଡିଏମ୍ଓ /ସିଏମ୍ଓ

- ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଏବଂ ସହଯୋଗ ବଢ଼ାଇବା ପରି ଏକ କର୍ମସଂସ୍କୃତିକୁ ପ୍ରୋତ୍ସାହନ ଦିଅନ୍ତୁ।
- ସମସ୍ତ ସହଯୋଗୀ ଯେପରି ଜିଲା ସ୍ୱାସ୍ଥ୍ୟ ସମିତି ବୈଠକକୁ ଆସିବେ ତାହା ନିଶ୍ଚିତ କରନ୍ତୁ ।
- ସହରାଞ୍ଚଳ ସମନ୍ୱୟ କମିଟି ଗଠନ କରିବା ସହ ଏହାର ସଭାପତିତ୍ୱ କରନ୍ତୁ।
- ପି.ଆଇ.ପି. ମାଧ୍ୟମରେ ସମନ୍ୱୟ ଜନିତ କାର୍ଯ୍ୟକ୍ରମ ପାଇଁ ବ୍ୟୟବରାଦ କରନ୍ତୁ।

## ଆଇ.ସି.ଡି.ଏସ୍./ ଡି.ୟୁ.ଡି.ଏ. ପ୍ରକଳ୍ପ ଅଧିକାରୀ

- ଗୋଷ୍ଠୀ ସ୍ତରରେ ନିୟମିତ ବୈଠକ କରୁଥିବା ଆଶା ଯେପରି ସହାୟତା ପାଇ ପାରିବ ସେ ନେଇ ତାକୁ ବା ୍। ଦିଅନ୍ତୁ।
- ଆଇ.ସି.ଡି.ଏସ୍./ ଡି.ୟୁ.ଡି.ଏ. ପ୍ରକଳ୍ପ ଅଧିକାରୀ ପରିବାର ନିୟୋଜନ ବିଷୟରେ ଜାଣିବା ପାଇଁ ଯେପରି ଉପଯୁକ୍ତ ମଞ୍ଚ ପାଇପାରିବେ ସେ ନେଇ ସୁଯୋଗ ସୃଷ୍ଟି କରନ୍ତୁ (ଅର୍ବାନ୍ ହେଲ୍ଥ୍ ଇନିସିଏଟିଭ୍ସ ଦ୍ୱାରା ଅନୁମୋଦିତ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକରଣକୁ ଦେଖନ୍ତୁ) ।

## ଆଇ.ସି.ଡି.ଏସ୍. ଏବଂ 'ଆଶା' ସୁପରଭାଇଜର

- ମାସିକ ବୈଠକରେ ପରିବାର ନିୟୋଜନ ଉପରେ ଅଙ୍ଗନୱାଡି ଏବଂ 'ଆଶା' ମଧ୍ୟରେ ପରିବାର ନିୟୋଜନ ସୂଚନା ଏବଂ ଉପକରଣ ବାଣ୍ଟନ୍ତୁ।
- ଗୋଷ୍ଠୀ ସ୍ତରରେ ବୈଠକ ଏବଂ ମିଳିତ ପରିଦର୍ଶନ କରି ସୂଚନା ପ୍ରଦାନ କରନ୍ତୁ।
- ଜଣେ ଅନ୍ୟ ଜଣଙ୍କୁ ସାହାଯ୍ୟ କରନ୍ତୁ। ସ୍ୱତନ୍ତ୍ର ଅଭିଯାନ ସମୟରେ ସମ୍ବଳ ଏବଂ ଅତିରିକ୍ତ ମାନବ ସମ୍ବଳ ଯୋଗାଇବାରେ ଜଣେ ଅନ୍ୟ ଜଣଙ୍କୁ ସହାୟତା କରନ୍ତୁ ।

## ଆଶା/ଅଙ୍ଗନୱାଡି କର୍ମୀ/ଡିୟୁଡିଏ ଲିଙ୍କ୍ ୱାର୍କର

- ଆଶା ମାନଙ୍କୁ ମାନଚିତ୍ର ଏବଂ ତାଲିକା ପ୍ରସ୍ତୁତି ସମୟରେ ତାଙ୍କୁ ଆବଶ୍ୟକୀୟ ସୂଚନା ପ୍ରଦାନ କରିବା ସହ ତାକୁ ଗୋଷ୍ଠୀ ସହିତ ପରିଚିତ କରାଇ ଦିଅନ୍ତୁ।
- ଗର୍ଭବତୀ ଏବଂ ବିବାହିତ ମହିଳାମାନଙ୍କ ତାଲିକା 'ଆଶା'କୁ ଦିଅନ୍ତୁ।
- ଅଙ୍ଗନୱାଡି କେନ୍ଦ୍ର, ଡି.ୟୁ.ଡି.ଏ.ର ପରିସର ଏବଂ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକରଣ ଏବଂ ସମ୍ବଳ ସବୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରନ୍ତୁ।
- ମିଳିତ ଭାବେ ଗୃହ ପରିଦର୍ଶନରେ ଯାଆନ୍ତୁ।
- ସ୍ୱାସ୍ଥ୍ୟ ଏବଂ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ସମନ୍ୱୟ ରକ୍ଷା କରନ୍ତୁ।
- ମହିଳା ଆରୋଗ୍ୟ ସମିତି ଗଠନ କରିବା ସହ ଏହାର କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟତା କରନ୍ତୁ।

## ସମନ୍ୱୟ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ

ପରିବାର ନିୟୋଜନ କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟକର ବ୍ୟବହାର ସବୁକୁ ବୃଦ୍ଧି କରିବା ପାଇଁ ନିମ୍ନ ଲିଖିତ ସୂଚକାଂକ ସବୁକୁ ବ୍ୟବହାର କରାଯାଇ ପାରିବ।

- ସହର ଏବଂ ୱାର୍ଡ ସ୍ତରରେ ନିୟମିତ ବୈଠକର ସଂଖ୍ୟା।
- ସ୍ୱାସ୍ଥ୍ୟ, ଆଇସିଡିଏସ୍ , ଡିୟୁଡିଏ ଏବଂ ନଗର ନିଗମର କର୍ମଚାରୀ କେତୋଟି ବୈଠକରେ ଯୋଗ ଦେଇଛନ୍ତି ।
- କେତୋଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଦିବସ ଓ ଆଉଟ୍‌ରିଚ୍ ଶିବିର ଅନୁଷ୍ଠିତ ହୋଇଛି।
- ଅଙ୍ଗନୱାଡି ଏବଂ ଏଏନ୍‌ଏମ୍ ମାନେ କେତୋଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଏବଂ ପୁଷ୍ଟି ଦିବସ ଆୟୋଜନ କରିଛନ୍ତି ଏବଂ ଏଥିରେ କେତେଜଣ ଅନ୍ୟ ବିଭାଗରେ ଛାମୁଆ କର୍ମୀ ଭାଗ ନେଇଛନ୍ତି।
- କେତୋଟି ଆଉଟ୍‌ରିଚ୍ ଶିବିର ଅନୁଷ୍ଠିତ ହୋଇଛି ଏବଂ ଏଥିରେ କେତେ ଜଣ ଅନ୍ୟ ବିଭାଗରେ ଛାମୁଆ କର୍ମୀ ଭାଗ ନେଇଛନ୍ତି।
- କେତୋଟି ମହିଳା ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଛି ଏବଂ ଏଥିରେ କେତେଜଣ ଛାମୁଆ କର୍ମୀ ଭାଗ ନେଇଛନ୍ତି।

ଯଦି ଏ ସବୁ ସୂଚକାଙ୍କରୁ ଅଧିକରୁ ଅଧିକ ସହଭାଗୀ ଏବଂ ସକାରାତ୍ମକ କାର୍ଯ୍ୟକ୍ରମର ସୂଚନା ମିଳୁଛି, ତେବେ ତାହା ଜିଲ୍ଲା ଏବଂ ସେକ୍ଟର ସ୍ତରରେ ପ୍ରଭାବଶାଳୀ ଢଙ୍ଗରେ ସମନ୍ୱୟ କାର୍ଯ୍ୟ ହୋଇଛି ବୋଲି ସ୍ୱୀକାର କରିବାକୁ ପଡିବ।

## ବ୍ୟୟ ବରାଦ

ପାର୍ଶ୍ୱରେ ଦିଆଯାଇଥିବା ବ୍ୟୟବରାଦ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍‌ର ପି.ଆଇ.ପି.ରେ ଦେଖାଯାଇପାରିବ। ଯଦି ଏଥିପାଇଁ ବ୍ୟୟବରାଦ ହୋଇ ନାହିଁ, ତେବେ ଏହି ବ୍ୟୟ ବରାଦର ବ୍ୟବସ୍ଥା ଅତିରିକ୍ତ ପି.ଆଇ.ପି. ବଜେଟରେ ହୋଇପାରିବ।

| कॉस्ट एलिमेन्ट्स/पी.आई.पी. बजट हेड | ई वित्त क्रमांक |
|---|---|
| अर्बन हैल्थ कॉमन कॉर्डिनेशन कमेटी बैठक | U.16.8.2.3 |

*सोर्स: एन.एच.एम. पी.आई.पी. गाइडलाइन, म.प्र. 2019–20*

ଡି.ୟୁ.ଡି.ଏ.ର ଲିଙ୍କ ୱାର୍କର ଏବଂ ଅଙ୍ଗନୱାଡି କର୍ମୀଙ୍କର ପରିବାର ନିୟୋଜନ ନିମନ୍ତେ ତାଲିମ୍ ପାଇଁ କୌଣସି ବ୍ୟୟବରାଦ ବର୍ତ୍ତମାନର ପି.ଆଇ.ପି.ରେ ନାହିଁ। ମାତ୍ର ଆବଶ୍ୟକତା ଭିତ୍ତିରେ ଏହି ତାଲିମ ପାଇଁ ଆସନ୍ତା ପି.ଆଇ.ପି.ରେ ଅନୁରୋଧ କରାଯାଇପାରିବ।

ଏଠାରେ ଦିଆଯାଇଥିବା ସାରଣୀଟି କେବଳ ପ୍ରତୀକାତ୍ମକ ଏବଂ ସରକାରୀ ପିଆଇପିରେ କିଭଳି ବ୍ୟୟବରାଦ କରାଯାଏ ତାହା ଏଠାରେ ଦର୍ଶାଯାଇଛି। ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ହାସଲ କରିବାକୁ ଯାଇ କିପରି ବ୍ୟୟ ବରାଦ କରାଯାଏ, ତାହା ଏଠାରେ ଦର୍ଶାଯାଇଛି। ଏଠାରେ ବିଭିନ୍ନ ବିଭାଗ ଏବଂ କର୍ମୀମାନଙ୍କୁ ଉଦାହରଣ ଭାବେ ନିଆଯାଇଛି।

## ନିରନ୍ତରତା

ବର୍ତ୍ତମାନ ଚାଲିଥିବା ପରିବାର ନିୟୋଜନ, ମାତୃ ନବଜାତ ଏବଂ ଶିଶୁ ସ୍ୱାସ୍ଥ୍ୟକୁ ନେଇ ଛାମୁଆ କର୍ମୀମାନଙ୍କ ମଧ୍ୟରେ କିପରି ସମନ୍ୱୟ ନିରନ୍ତର ଭାବେ ବଜାୟ ରହିବ ତାହା ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା ଏବଂ ସ୍ୱାସ୍ଥ୍ୟ ଓ ଅନ୍ୟମାନଙ୍କର ସେକ୍ଟର ସ୍ତରୀୟ ବୈଠକରେ ଏହି କାର୍ଯ୍ୟକ୍ରମର ତର୍ଜମା ଉପରେ ନିର୍ଭର କରେ। ଏହା ସହିତ ବିଭିନ୍ନ ବିଭାଗମାନେ କିପରି ପରିବାର ନିୟୋଜନ ଉପରେ ଗଭୀର ଭାବେ ତାଲିମ ପାଇବେ ଏବଂ ଏହି ତାଲିମ୍ ସବୁ ଯେପରି ଅଙ୍ଗନୱାଡି ଏବଂ ଡିୟୁଡିଏର ଲିଙ୍କ୍ ୱାର୍କର ମାନଙ୍କର ପ୍ରାଥମିକ ତାଲିମ୍ କାର୍ଯ୍ୟକ୍ରମରେ ସାମିଲ ହୋଇପାରିବ, ତାହା ପ୍ରତି ଦୃଷ୍ଟି ଦେବା କଥା।



## ଉପଲବ୍ଧ ସମ୍ବଳ

- ସହରାଞ୍ଚଳ ସମନ୍ୱୟ କମିଟି ନିମନ୍ତେ ମାର୍ଗଦର୍ଶିକା- ଫାଇନାଲ
- ୱାର୍ଡ ସମନ୍ୱୟ କମିଟି ନିମନ୍ତେ ମାର୍ଗଦର୍ଶିକା
- ସହରାଞ୍ଚଳ ସମନ୍ୱୟ କମିଟିର ଅଂଶୀଦାରମାନଙ୍କର ନମୁନା ତାଲିକା
- ସହରାଞ୍ଚଳ ସମନ୍ୱୟ କମିଟିର ବୈଠକର ନିଷ୍ପି - ୧୬.୩.୨୦୧୨
- ସହରାଞ୍ଚଳ ସମନ୍ୱୟ କମିଟି ବୈଠକର ନମୁନା ଏଜେଣ୍ଡା
- ସହରାଞ୍ଚଳ ସମନ୍ୱୟ କମିଟିର ବୈଠକ ପାଇଁ ନମୁନା ଆମନ୍ତ୍ରଣ ପତ୍ର
- ସହରାଞ୍ଚଳ ସମନ୍ୱୟ କମିଟି ବୈଠକର ନମୁନା ନିଷ୍ପତ୍ତିପତ୍ର
- ୟୁଏଚ୍ଆଇ ଏବଂ ସରକାର ଅନୁମୋଦିତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଉପକରଣ
- ସହରାଞ୍ଚଳ ସ୍ୱାସ୍ଥ୍ୟ ଯୋଜନା, ସମନ୍ୱୟକୁ ନେଇ ଏନ୍‌ୟୁଏଚ୍‌ଏମ୍ ମାର୍ଗଦର୍ଶିକା

ସ୍ୱୀକାରୋକ୍ତି:-

ଏହି ଲେଖାଟି ଅର୍ବାନ ହେଲ୍‌ଥ ଇନିସିଏଟିଭ୍‌ସ( ବିଏମ୍‌ଜିଏଫ୍ ଦ୍ୱାରା ସହାୟତାପ୍ରାପ୍ତ), ହେଲ୍‌ଥ୍ ଅଫ୍ ଦ ଅର୍ବାନ୍ ପୁଅର( ୟୁଏସ୍‌ଏଆଇଡି ଦ୍ୱାରା ସହାୟତାପ୍ରାପ୍ତ) ଏବଂ ଏକ୍ସପାଣ୍ଡେଡ ଆକ୍ସେସ ଏଣ୍ଡ କ୍ୱାଲିଟି ଟୁ ବ୍ରଡେନ୍ ମେଥଡ ଚଏସ୍ ଇନ ଉ ର ପ୍ରଦେଶ (ବିଏମ୍‌ଜିଏଫ୍ ଦ୍ୱାରା ସହାୟତାପ୍ରାପ୍ତ) ଦ୍ୱାରା ସଂଗୃହୀତ ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଏବଂ ଅଭିଜ୍ଞତା ସବୁକୁ ଏକାଠି କରି ପ୍ରସ୍ତୁତ କରାଯାଇଛି । ଏହି ଲେଖାଟି କେବଳ ବିଭିନ୍ନ ବର୍ଗର ଲୋକଙ୍କୁ ମାର୍ଗଦର୍ଶନ ପାଇଁ ଉଦ୍ଦିଷ୍ଟ ଏବଂ ଏହି ଲେଖଟି ପୂର୍ବ ନିର୍ଦ୍ଧାରିତ ପ୍ରଥା ଦ୍ୱାରା ପ୍ରଭାବିତ ନୁହେଁ । ବରଂ ଏହି ନିର୍ଦ୍ଦିଷ୍ଟ ବିଷୟଟିକୁ କେବଳ ଉପରୋକ୍ତ ପ୍ରକଳ୍ପରେ କିପରି କାମରେ ଲଗାଯାଇ ଅନ୍ୟ ସ୍ଥାନରେ ସମ୍ଭାବ୍ୟ ରୂପେ ଗ୍ରହଣୀୟ କରାଯିବାର ଚେଷ୍ଟା କରାଯାଇଛି, ତାହା ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ।

tci THE CHALLENGE INITIATIVE
HEALTHY CITIES INDIA

FOR FURTHER DETAILS, PLEASE CONTACT:
POPULATION SERVICES INTERNATIONAL
C-445, Chittaranjan Park, New Delhi, Delhi 110019